## ରାସ୍ତା ଅବରୋଧ ମାମଲା, ୭ ଗିରଫ

ଆସିକା, (ଡି.ଏନ.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଛକଠାରେ ଗତ ମାର୍ଚ୍ଚ ୪ ତାରିଖରେ ହୋଇଥିବା ରାସ୍ତା ଅବରୋଧ ମାମଲାରେ ପୋଲିସ ଗୁରୁବାର ଏହି ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ଆସିକା ବ୍ଲକର କେନ୍ଦୁପଦର, ଗହଙ୍ଗୁ ଓ ନାହାଡା ଗ୍ରାମର। ଘଟଣା ଦିନ ସଂପୃକ୍ତ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଟୋକନ ଥାଇ ମଧ ମଣ୍ଡିରେ ଧାନ ନିଆଯାଉ ନ ଥିବା ପ୍ରତିବାଦରେ ରାସ୍ତା ଅବରୋଧ କରାଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଅପରପକ୍ଷେ ପୋଲିସର ଏହି ଗିରଫଦାରିକୁ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସଂପାଦକ ଶଙ୍କର ସାହୁ ତୀବ୍ର ନିନ୍ଦା କରିବା ସହ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ଲାଗି ନିବେଦନ କରିଛନ୍ତି ।

# ଡେଲିଭରି ପଏଣ୍ଟରେ ୪୯ ଗର୍ଭବତୀ

**ଗଞ୍ଜାମ ଜିଲା**

■ ପ୍ରସବ କଲେଣି ୧୪୯

**ଛତ୍ରପୁର,୨୭।୫ (ଡି.ଏନ.ଏ.)**

ଗଞ୍ଜାମ ଜିଲାର ୧୯୮ ଗର୍ଭବତୀଙ୍କୁ ବୁଧବାର ସୁଦ୍ଧା ବିଭିନ୍ନ ଡେଲିଭରି ପଏଣ୍ଟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିବା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି । ସେଥିରୁ ୧୪୯ ଜଣଙ୍କ ଡେଲିଭରି ହୋଇସାରିଛି। ଏହାପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ୪୯ ଗର୍ଭବତୀ ଥିବା ସୂଚନା ଦିଆଯାଇଛି। ୟାସ୍ ଯୋଗୁ ସତର୍କତାମୂଳକ ପଦକ୍ଷେପ ନେଇ ୨୩ ତାରିଖରୁ ଗର୍ଭବତୀଙ୍କୁ ଘରୁ ନିକଟସ୍ଥ ଡେଲିଭରି ପଏଣ୍ଟ ସୁବିଧା ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ଏଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ୩୦ ତାରିଖ ପର୍ଯ୍ୟନ୍ତ ୫୦୪ ଗର୍ଭବତୀଙ୍କୁ ଡେଲିଭରି ପଏଣ୍ଟକୁ ସ୍ଥାନାନ୍ତର ପାଇଁ ଲକ୍ଷ୍ୟ ରଖାଯାଇଛି। କରୋନାରେ ସଂକ୍ରମିତଙ୍କର ମଧ ଜିଲାର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ବିଭିନ୍ନ ହସ୍ପିଟାଲରେ ଡେଲିଭରି ଜାରି ରହିଛି । ଏନେଇ ଜିଲାପାଳ ସ୍ୱାସ୍ଥ୍ୟବିଭାଗ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି ।

**୧୪.୨୭ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ଆଗୁଆ ପଦକ୍ଷେପ ନେଇ ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ଘରକୁ ଘର ଯାଇ ସ୍କ୍ରିନିଂ ଆରମ୍ଭ କରାଯାଇଥିଲା। ଅଙ୍ଗନୱାଡି, ଆଶାକର୍ମୀ, ହେଲପର, ସ୍ୱଚ୍ଛସାଥୀ, ସୁପରଭାଇଜରମାନେ ଏଥିରେ ସାମିଲ ହୋଇଛନ୍ତି। ବୁଧବାର ସୁଦ୍ଧା ଜିଲାରେ ୧୪ ଲକ୍ଷ ୨୭ ହଜାର ୮୩୬ଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେଥିରୁ ୧୧୬ ଜଣଙ୍କ ଅକ୍ସିଜେନ୍ ସ୍ତର କମ୍ ଥିବା ବେଳେ ୧୪୯ ଙ୍କଠାରେ କରୋନା ଲକ୍ଷଣ ଚିହ୍ନଟ ହୋଇଥିଲା । ଏଥିରୁ ୫ ଜଣଙ୍କୁ ହସ୍ପିଟାଲକୁ ରେଫର କରାଯାଇଛି ।

**ରେଡ୍ ଜୋନ୍‌ରେ ୩୭୯ ଗାଁ**

କରୋନା ଦ୍ୱିତୀୟ ଲହରରେ ଜିଲାରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଅଧିକ ସୁରକ୍ଷିତ ରହିଛି । ପ୍ରଥମ ଲହର ବେଳେ ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ଥିଲା । ଏସବୁ ରେଡ୍ ଜୋନ୍‌ରେ ଥିଲା । ଲକ୍ଷାଧିକ ପ୍ରବାସୀ ହଟସ୍ପଟ ରାଜ୍ୟରୁ ଜିଲାକୁ ଫେରିବାରୁ ସେତେବେଳେ ସଂକ୍ରମିତଙ୍କ ସଂଖ୍ୟା ବଢିଥିଲା । ଜିଲା ପ୍ରଶାସନ ତଥ୍ୟ ଅନୁସାରେ ୨୭୮୬ ଗାଁ ଗ୍ରୀନ୍ ଜୋନ୍‌ରେ ଥିବା ବେଳେ ୩୭୯ଗାଁ ରେଡ୍ ଜୋନ୍‌ରେ ଅଛି।

**ଦ୍ୱିତୀୟ ଲହରରେ ଗଲାଣି ୩୨ ଜୀବନ**

କରୋନା ଦ୍ୱିତୀୟ ଲହରରେ ଗଞ୍ଜାମ ଜିଲାର ୩୨ ସଂକ୍ରମିତଙ୍କ ଜୀବନ ଗଲାଣି । ପ୍ରଥମ ଓ ଦ୍ୱିତୀୟ ଲହରରେ ଏପର୍ଯ୍ୟନ୍ତ ଜିଲାର ୨୮୦ ଜଣଙ୍କ ମୃତ୍ୟୁ ହୋଇଛି । ଜିଲାରେ ଆଉ ୧୯୬ ରେ ସଂକ୍ରମିତ ହୋଇଛନ୍ତି ।

# ପାଣିଗ୍ରାହୀପେଣ୍ଠରେ ନକଲି ମଦ ଫ୍ୟାକ୍ଟ୍ରି

**୫ଶହ ଲିଟର୍ ସ୍ପିରିଟ୍, ୧୫ କାର୍ଟୁନ ମଦ ଜବତ**



ଜବତ ନକଲି ମଦ ଓ ପ୍ରସ୍ତୁତି ସାମଗ୍ରୀ ।

**ବ୍ରହ୍ମପୁର ଅଫିସ,୨୭।୫**

ବ୍ରହ୍ମପୁର ବଡ଼ବଜାର ଥାନା ଶ୍ରୀରାମନଗର ପାଣିଗ୍ରାହୀପେଣ୍ଠ ଏକ ଭଡା ଘରେ ଚାଲିଥିବା ନକଲି ମଦ ଫ୍ୟାକ୍ଟ୍ରିରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଏ ସଂକ୍ରାନ୍ତରେ କାଲୁପାତ୍ର ସାହିର ଟୁକୁନା ବିଷୋୟୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଘଟଣାରୁ ପ୍ରକାଶ, ପାଣିଗ୍ରାହୀପେଣ୍ଠ ସାହିରେ ନକଲି ମଦ ଫ୍ୟାକ୍ଟ୍ରି ଚାଲିଥିବା ନେଇ ବଡବଜାର ପୋଲିସକୁ ଖବର ମିଳିଥିଲା। ପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ଏକ ଘରୁ ବିପୁଳ ପରିମାଣ ନକଲି ମଦ ଜବତ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୫ଶହ ଲିଟର୍ ସ୍ପିରିଟ୍, ୧୫ କାର୍ଟୁନ ନକଲି ମଦ, ୫ହଜାର ଠିପି, ଲେବଲ୍, ୨୦ କାର୍ଟୁନ ଖାଲି ବୋତଲ ଓ ଷ୍ଟିକର୍ ଜବତ କରିଥିଲା। ଏହି ସମସ୍ତ ସାମଗ୍ରୀ କୋଲକାତାରୁ ଆଣି ଏହି କାରବାର ଜାରି ରଖିଥିଲା ବୋଲି ଅଭିଯୁକ୍ତ ଜେରା ବେଳେ ସ୍ୱୀକାର କରିଛି। ସ୍ପିରିଟରେ ରଙ୍ଗ, ପାଣି ଓ ଆସେନ୍ସ ମିଶାଇ ନକଲି ମଦ ପ୍ରସ୍ତୁତ କରି ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିଲା ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ପାତ୍ରପୁର,୨୭।୫(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ହାଇସ୍କୁଲଠାରେ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଉଦଘାଟନ କରିଛନ୍ତି। ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାଳୟଠାରେ ଏହି ଡାକ୍ତରଖାନା ଆରମ୍ଭ ହୋଇଛି। ଏଠାରେ ୩୦ ଶଯ୍ୟାରେ ଅମ୍ଳଜାନ ବ୍ୟବସ୍ଥା ହୋଇଛି। ଶୁକ୍ରବାରଠାରୁ ଏଠାରେ ସେବା ଆରମ୍ଭ ହେବ। ଉଦଘାଟନୀ ବେଳେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ପାତ୍ରପୁର ଗୋଷ୍ଠୀ ଚିକିତ୍ସାଳୟର ଡା. ସମ୍ବିତ କୁମାର ବେଗରାୟ, ତହସିଲଦାର ଅମିତ କୁମାର ନାୟକ, ବିଡିଓ ପ୍ରକାଶ କୁମାର ଦାଶ, ଶିଶୁବିକାଶ ଅଧିକାରୀ ପଦ୍ମିନୀ ସାହୁ ସରପଞ୍ଚ ବି. ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନ ସଚେତନତା ଶିବିର

**ରମ୍ଭା,୨୭।୫:** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଭର୍ଚୁଆଲ ମାଧମରେ ଏକ ଆଇନ ସଚେତନ କାର୍ଯ୍ୟକ୍ରମ ପ୍ରାଧିକରଣଙ୍କ ସଚିବ ଅଳ୍ପନା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସବୁଜ ନ୍ୟାୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚିବ ଆମୂଳଚୂଳ ଆଲୋଚନା କରିଥିବା ବେଳେ ପ୍ରାଧିକରଣଙ୍କ ସଦସ୍ୟ ସତୀଶ ପାଣିଗ୍ରାହୀ ଏହାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକରଣଙ୍କ ସମସ୍ତ ପ୍ୟାନେଲ ଲାୟେର, ସଭ୍ୟ ଗଣ ଅଂଶଗ୍ରହଣ କରିଥିଲେ।

### ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ଶୋକ

**ଆସିକା୨୭।୫(ଡି.ଏନ.ଏ.):** ଭଞ୍ଜନଗରର ପୂର୍ବତନ ବିଧାୟକ ବରିଷ୍ଠ ଆଇନଜୀବୀ ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ପୂର୍ବତନ ଏଆଇସିସି ସଦସ୍ୟ ବସନ୍ତ କୁମାର ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଜଣେ ବଳିଷ୍ଠ ସଂଗଠକ, ଦକ୍ଷ ଆଇନଜୀବୀ ଓ ସିନେ ପ୍ରତିଭା ସମ୍ପନ୍ନ ମିଶ୍ରଙ୍କ ବିୟୋଗ ଅଞ୍ଚଳରେ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ସେ ପ୍ରକାଶ କରିଛନ୍ତି । ଉମାକାନ୍ତଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକ ସନ୍ତପ୍ତ ପରିବାରକୁ ଭଗବାନ ଦୃଢ଼ ମନୋବଳ ଦିଅନ୍ତୁ ବୋଲି ଦାସ ଜଣାଇଛନ୍ତି ।

### ବ୍ୟାଘ୍ରଦେବୀ କୃଷକ ସଂଘ ସଭାପତିଙ୍କ ବିୟୋଗ

**ବୁଗୁଡ଼ା,୨୭।୫(ଡି.ଏନ.ଏ.):** ସ୍ଥାନୀୟ ବ୍ୟାଘ୍ରଦେବୀ କୃଷକ ସଂଘ ସଭାପତି ମଧୁସୂଦନ ପଟ୍ଟନାୟକ(୭୬)ଙ୍କ ପରଲୋକ ଘଟିଛି। ବୁଗୁଡ଼ା କରଣ ସାହିସ୍ଥିତ ଘରେ ସେ କିଛି ଦିନ ହେଲା ଜ୍ୱରରେ ପୀଡିତ ଥିଲେ। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ସହ ଅକ୍ସିଜେନ ସ୍ତର କମିଯାଇଥିଲା। ତୁରନ୍ତ ତାଙ୍କୁ ବୁଗୁଡ଼ା ମେଡିକାଲ ଓ ପରେ ବ୍ରହ୍ମପୁର ନିଆଯାଇଥିଲେ ମଧ ବୁଧବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଦେଲେ ବିଡିଓ

**କବିସୂର୍ଯ୍ୟନଗର,୨୭।୫:** କବିସୂର୍ଯ୍ୟନଗର ବିଡିଓ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଦେଇ ନିଜ ମହାନତା ଦେଖାଇଛନ୍ତି। ଗୁରୁବାର ରାସ୍ତାରେ ଘସୁରି ଘୁସୁରି ଯାଉଥିବା ସୁନାରିଝୋଲା ପଞ୍ଚାୟତର ଏସ.ପଙ୍କଳବାଡି ହରିଜନ ସାହିର ସୂର୍ଯ୍ୟନାରାୟଣ ନାହାକଙ୍କୁ ଦେଖି ବିଡିଓ ବାସୁଦେବ ନାୟକ ତାଙ୍କ ସମସ୍ୟା ବୁଝିବା ସହ ବ୍ଲକ ଅଫିସକୁ ଡାକିଥିଲେ। ପରେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଡକାଇ ସୂର୍ଯ୍ୟନାରାୟଣଙ୍କର ଆବେଦନ ପତ୍ର ଗ୍ରହଣ କରି ତାଙ୍କୁ ଗୋଟିଏ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣଙ୍କ ପରିବାର ଅନ୍ତର୍ଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ତାଙ୍କୁ ମାସିକ ଭତ୍ତା ଦେବାକୁ ବିଡ଼ିଓ କହିଛନ୍ତି।

### ତହସିଲଦାରଙ୍କୁ ଆକ୍ରମଣ ଘଟଣା: ଆଉ ୨ ଅଭିଯୁକ୍ତ ଗିରଫ

**ଆର.ଉଦୟଗିରି, ୨୭।୫ (ଡି.ଏନ.ଏ.):** ଛେଲିଗଡ଼ ଖ୍ରୀଷ୍ଟିଆନ ସାହିରେ ଗତ ୭ ତାରିଖରେ ଆର.ଉଦୟଗିରି ତହସିଲଦାର ଓ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଆଉ ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। କମଳାପୁର ଗ୍ରାମରୁ ଏମାନଙ୍କୁ ଗିରଫ କରାଯାଇଥିବା ଆର.ଉଦୟଗିରି ଏସଡ଼ିପିଓ କହିଛନ୍ତି। ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି ପୋଲିସ। ଏହି ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରିଛି। ଦୁଇଜଣ ଆତ୍ମସମର୍ପଣ କରିଥିଲେ। ସୂଚନାଯୋଗ୍ୟ ଖ୍ରୀଷ୍ଟିଆନ ସାହିରେ ଏକ ବାହାଘର ବନ୍ଦ କରିବାକୁ ପୋଲିସ ସହ ତହସିଲଦାର ଯାଇଥିବା ବେଳେ ଆକ୍ରମଣ କରାଯାଇଥିଲା।

# ଖବରଦାତାଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କଲେ ଛାତ୍ରୀଛାତ୍ର




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପିଜି ଛାତ୍ରୀଛାତ୍ରମାନେ ପ୍ରତିବାଦ ଜଣାଉଛନ୍ତି ।

**ଭଞ୍ଜନଗର,୨୭।୫(ଡି.ଏନ.ଏ)**

ରାଜ୍ୟରେ ଗଣମାଧମରେ କାର୍ଯ୍ୟରତ ଖବରଦାତା ସତ୍ୟକୁ ଉନ୍ମୋଚନ କରିବାକୁ ଯିବାବେଳେ ଆକ୍ରୋଶର ଶିକାର ହେଉଛନ୍ତି। ପୁରୀରେ 'ଧରିତ୍ରୀ'ର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକ ଖବର ସଂଗ୍ରହ କରୁଥିବା ବେଳେ ପୋଲିସ ଆକ୍ରମଣ କରିଥିଲା। ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପିଜି ଛାତ୍ରୀଛାତ୍ର ଗୁରୁବାର ପ୍ରତିବାଦ ଜଣାଇଛନ୍ତି। ଛାତ୍ରୀଛାତ୍ର ସରିତା ନାୟକ, ଆନନ୍ଦ ମିଶ୍ର, ନିଲୁ ବିଷୋୟୀ, ସୀମାଞ୍ଚଳ ବିଷୋୟୀ, ଚିନ୍ମୟ ଆଚାରୀ ଓ ସିଏଚ୍ ନିତେଶ ପାତ୍ର ପ୍ଲାକାର୍ଡ଼ ଧରି ପ୍ରତିବାଦ ଜଣାଇଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅପହରଣ ଅଭିଯୋଗରେ ଯୁବକ ଗିରଫ

**ବୁଗୁଡ଼ା,୨୭।୫(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ବାଲିପଦର ଫାଣ୍ଡି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗିରଫ ଯୁବକ ହେଲେ ବାଲିପଦର ଫାଣ୍ଡି ଅନ୍ତର୍ଗତ କନ୍ଧପଥରାପଲ୍ଲୀର ଅକ୍ଷୟ ମାଝି (୨୬)। ଏନେଇ ନଂ.୨୩୮/୨୧ରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କୁ ଗତ ୧୯ ତାରିଖରେ ଅକ୍ଷୟ ବାଇକରେ ଅପହରଣ କରି ନେଇଥିଲେ। ପରିବାର ଲୋକେ ଝିଅକୁ ନ ପାଇ ୨୨ ତାରିଖରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ଗୌଡ଼ିଆ ବୋରଦା ରାସ୍ତାରେ ନାବାଳିକା ଓ ଅକ୍ଷୟ ବାଇକ୍‌ରେ ଆସୁଥିବା ଦେଖି ସେମାନଙ୍କୁ ପୋଲିସ ଧରିଥିଲା। ବୁଗୁଡ଼ା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ପରେ ବ୍ରହ୍ମପୁର ନିଆଯାଇ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ଲିପିବଦ୍ଧ କରାଯିବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଯୌତୁକ ନିର୍ଯାତନା ସହ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ**

**ବ୍ରହ୍ମପୁର ଅଫିସ,୨୭।୫**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବୋରିଗାଁରେ ବୁଧବାର ରାତିରେ ଜନୈକା ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ମହିଳାଙ୍କ ନାମ ମନ୍ଦାକିନୀ ସ୍ୱାଇଁ (୨୧)। ଗୁରୁବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ପୋଲିସ ଉପସ୍ଥିତିରେ ଘର ଭିତରୁ ବିଭିନ୍ନ ପ୍ରକାର ନମୁନା ସଂଗ୍ରହ କରିଛି। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘର ଭିତରେ ପଡ଼ିଥିବା ମହିଳାଙ୍କ ମୃତଦେହର ପଞ୍ଚନାମା କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଛି। ମନ୍ଦାକିନୀଙ୍କ ମା' ଲକ୍ଷ୍ମୀ ପାତ୍ର, ଭାଇ ପ୍ରକାଶ ପାତ୍ର ତାଙ୍କ ଶ୍ୱଶୁର ଘରେ ପହଞ୍ଚିଥିଲେ। ଝିଅଙ୍କୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୋ ଝିଅକୁ ତାଙ୍କ ସ୍ୱାମୀ ମିଥୁନ, ଦିଅର, ଶାଶୁ, ଶ୍ୱଶୁର, ନଣନ୍ଦ ଓ ନଣନ୍ଦେଇ ମିଶି ହତ୍ୟା କରିଥିବା ନେଇ ସେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏହି ଅଭିଯୋଗ କ୍ରମେ ସଦର ଥାନା ପୋଲିସ ନମ୍ବର ୧୬୩ /୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ କ୍ରମେ ପୋଲିସ ସ୍ୱାମୀ ମିଥୁନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା କହିଛି।

# ଆଦିବାସୀଙ୍କୁ ଆନ୍ଧ୍ର ବେପାରୀଙ୍କ ଶୋଷଣ

**କାଶୀନଗର,୨୭।୫(ଡି.ଏନ୍.ଏ.)**

କାଶୀନଗର ବ୍ଲକ ସିଆଳି ପଞ୍ଚାୟତର ଆଦିବାସୀ ଗ୍ରାମ ପେଦାମାଡରେ ରହି ଆନ୍ଧ୍ରର ଜଣେ ଜମି ମାଫିଆ ଆଦିବାସୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ବ୍ୟକ୍ତି ଜଣେ ଜମିଦାରଙ୍କ ଜମି ଖରିଦ କରି ମାଛ ଚାଷ କରିଛନ୍ତି। ସେ ଗ୍ରାମରେ ଜଳସେଚନ ପାଇଁ ଉଦ୍ଦିଷ୍ଟ ଲିଫ୍ଟ ଇରିଗେଶନ ପଏଣ୍ଟକୁ ନିଜ ଅଧୀନରେ ରଖି ନିଜ କାର୍ଯ୍ୟରେ ଲଗାଉଥିବା ବେଳେ ଆଦିବାସୀମାନଙ୍କ ଜମିକୁ ପାଣି ଦେଉନାହାନ୍ତି। ଏପରିକି ରାସ୍ତା ଅବରୋଧ ଯୋଗୁ ଆଦିବାସୀମାନେ ନିଜ ଜମିକୁ ଯିବାରେ ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସିଆଳିର ପୂର୍ବତନ ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ଓ ବାରିକି ସଉରା, ଆବାମା ଶବର, ତବିତେୟା ଶବରଙ୍କ ସମେତ ବହୁ ଆଦିବାସୀ ଦାବିପତ୍ର ଦେଇଛନ୍ତି। ସମସ୍ୟା ସମାଧାନ ନ ହେଲେ ରାସ୍ତା ଅବରୋଧ ଚେତାବନୀ ଦେଇଛନ୍ତି।

# ସାଢେ ୮ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

**ଆର.ଉଦୟଗିରି,୨୭।୫ (ଡି.ଏନ.ଏ.)**

ମୋହନା ବ୍ଲକ ଅଡ଼ବା ଥାନା ଲକ୍ଷ୍ମୀପୁର ନିକଟ ଗାଲିମେରା ଗ୍ରାମରୁ ଝାଡ଼ଖଣ୍ଡ ଚାଲାଣ ହେଉଥିବା ସାଢ଼େ ୮ କୁଇଣ୍ଟାଲ ଗଞ୍ଜେଇକୁ ପୋଲିସ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମିନିଟ୍ରକ ଚାଳକ ସମେତ ୨ ସହଯୋଗୀ ଚମ୍ପଟ ମାରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଝାଡଖଣ୍ଡ ଅଞ୍ଚଳର ପର୍ଚି ଆନସାରା, ସ୍ଥାନୀୟ ଅଞ୍ଚଳର ସୁମନ୍ତ ମାଝି, ଆବେଲ ଲିମା ଓ ସୁଧିର ଲିମା। ଏ ନେଇ ଅଡବା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଚାଲାଣ ପାଇଁ ଗଞ୍ଜେଇ ରଖାଯାଇଥିବା ପୋଲିସକୁ ସୂଚନା ମିଳିଥିଲା। ଅଡ଼ବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଗଠିତ ଟିମ୍ ଗାଲିମେରା ଗାଁ ନିକଟରେ ସନ୍ଦେହଜନକ ଭାବେ ଥିବା ଉକ୍ତ ୪୦୭କୁ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ମୋହନା ତହସିଲଦାର ସାରଦା ପ୍ରସନ୍ନ ପଣ୍ଡାଙ୍କ ଉପସ୍ଥିତିରେ ଓଜନ ପରେ ୮୫୦ କେଜି ୭୦୦ ଗ୍ରାମ ଗଞ୍ଜେଇକୁ ପୋଲିସ ଜବତ କରିଛି। ଉକ୍ତ ଗାଡିରେ ୨ଟି ନମ୍ବର ପ୍ଲେଟ ବ୍ୟବହାର କରାଯାଉଥିଲା।




ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

# ପୌରାଞ୍ଚଳରେ ଏଡିଏମ୍‌ଙ୍କ ସମୀକ୍ଷା

**ହିଞ୍ଜିଳିକାଟୁ,୨୭।୫(ଡି.ଏନ.ଏ.)**

ଗଞ୍ଜାମ ଏଡିଏମ ତଥା ହିଞ୍ଜିଳିକାଟୁ ପୌର ପରିଷଦର ପ୍ରଶାସକ ଲିନା କୁମାରୀ ଜେଶ ଗୁରୁବାର ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏଡିଏମ ଲିନା କୁମାରୀଙ୍କୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ମନୋରଞ୍ଜନ ସାହୁ ସ୍ୱାଗତ କରିଥିଲେ। ଏଡିଏମ ବିଭିନ୍ନ ପ୍ରସଙ୍ଗରେ ପୌର କର୍ମଚାରୀଙ୍କ ସହ କଥା ହେବା ସହ କୋଭିଡ ପରିଚାଳନା ଉପରେ ସମୀକ୍ଷା କରିଥିଲେ। ପରେ ବର୍ଜ୍ୟବସ୍ତୁ ପରିଚାଳନା ଓ ପୃଥୀକୀକରଣ କେନ୍ଦ୍ର ଏମସିସି ଓ ଏମଆରଏଫ ବୁଲି ଦେଖିଥିଲେ। ପରେ ନେତାଜୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ପୋଷାକ କେନ୍ଦ୍ର ଏବଂ ପୌର ପାଳିକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ।

# କୋଭିଡ୍ ହସ୍ପିଟାଲରେ ୨ ଶିକ୍ଷକଙ୍କ ଦେହାନ୍ତ

**ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୧୫ ହଜାର ଲେଖାଏଁ ସହାୟତା**

**ଶେରଗଡ଼,୨୭।୫ (ଡି.ଏନ.ଏ.)**

ଦୁଇ ଦିନରେ ଶେରଗଡ ବ୍ଲକ ଅଞ୍ଚଳର ୨ ଶିକ୍ଷକଙ୍କ କୋଭିଡ୍ ହସ୍ପିଟାଲରେ ଦେହାନ୍ତ ହୋଇଛି। ସେମାନେ ହେଲେ ବରମୁଣ୍ଡଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଦେବ ପ୍ରସାଦ ମହାପାତ୍ର (୪୦) ଓ ଖାସପା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭରତ ସ୍ୱାଇଁ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଉଭୟଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଇଛି।

ଶିକ୍ଷକ ତଥା ହରିକୃଷ୍ଣପୁର ଗ୍ରାମର ଦେବପ୍ରସାଦ ଅସୁସ୍ଥ ହେବାରୁ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲେ ମଧ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ତଳେ ସେ ପଜିଟିଭି ନ ଥିବା ଦର୍ଶାଯାଇଥିଲା। ତେଣୁ ପରିବାର ଲୋକେ ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରିଥିଲେ। ଶିକ୍ଷକ କଲ୍ୟାଣ ପାଣ୍ଠିରୁ ଦେବପ୍ରସାଦଙ୍କ ପରିବାରକୁ ୧୦ ହଜାର ଓ ମୃତଦେହ ସତ୍କାର ପାଇଁ ୫ହଜାର ଟଙ୍କା ବାପା ଶଶି ଭୂଷଣ ମହାପାତ୍ରଙ୍କୁ ବିଇଓ ଭାସ୍କର ଲେଙ୍କା ପ୍ରଦାନ କରଛନ୍ତି। ସେହିପରି ଖାସପା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭରତ ସ୍ୱାଇଁଙ୍କ ମଧ କୋଭିଡ୍ ହସ୍ପିଟାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି । ଶିକ୍ଷା ବିଭାଗ ପକ୍ଷରୁ ୧୫ ହଜାର ଟଙ୍କା ଦିଆଯିବ ବୋଲି ବିଇଓ ଲେଙ୍କା କହିଛନ୍ତି।

# ଗଜପତିରେ ପୁଣି ୮୦ ସଂକ୍ରମିତ, ୨ ମୃତ

**ପାରଳାଖେମୁଣ୍ଡି,୨୭।୫ (ଡି.ଏନ.ଏ.)**

ଗଜପତି ଜିଲାରେ ପୁଣି ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ୨ କରେନା ରୋଗୀଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୁଧବାର ୧୧୧୪ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଚିହ୍ନଟ ୮୦ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡିରୁ ୧୫, ଗୋଷାଣୀ ବ୍ଲକରୁ ୧୫, ଗୁମ୍ମାରୁ ୩, କାଶୀନଗରରୁ ୭, ମୋହନାରୁ ୧୫, ନୂଆଗଡରୁ ୧୪, ରାୟଗଡରୁ ୭, ଆର୍. ଉଦୟଗିରିରୁ ୩ ଏବଂ ଜିଲା ବାହାରର ଜଣେ ଅଛନ୍ତି। ଅନ୍ୟପକ୍ଷରେ ଗୁରୁବାର ୭୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# କାଠୁଆ ନାଳ ପୁନରୁଦ୍ଧାରରେ ଅନିୟମିତତା

**ପୁରୁଷୋତ୍ତମପୁର,୨୭।୫ (ଡି.ଏନ.ଏ.)**

ପୁରୁଷୋତ୍ତମପୁର ଅଞ୍ଚଳର ବିଭିନ୍ନ ଚାଷ ଜମି ପାଣି ନିଷ୍କାସନ ନିମନ୍ତେ ଥିବା କାଠୁଆ ନାଳର ପୁନରୁଦ୍ଧାରରେ ଅନିୟମିତତା ଅଭିଯୋଗ ହୋଇଛି। ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ସୁନୀଲ କୁମାର ଟୁଡୁଙ୍କୁ ସ୍ମାରକପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ସୂଚନାଯୋଗ୍ୟ, ପୋତି ହୋଇଥିବା ଏହି ନାଳ ପ୍ରତି କେହି ଗୁରୁତ୍ୱ ଦେଉ ନ ଥିଲେ। ଶେଷରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେଇ ନାଳ ପୁନରୁଦ୍ଧାର ଲାଗି ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇଦେବା ସହ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏହି କାର୍ଯ୍ୟ ଅତି ନିମ୍ନମାନର କରାଯାଉ ଥିବା ନେଇ ଚାଷୀ ଅଭିଯୋଗ କରିବାକୁ ଡ୍ରେନେଜ୍ ବିଭାଗ ଅଧିକାରୀ ଓ ଯନ୍ତ୍ରୀମାନେ ଘଟଣାସ୍ଥଳକୁ ଆସି କାର୍ଯ୍ୟ ଠିକ୍ ଭାବେ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ପ୍ରତିଶ୍ରୁତି ପ୍ରକାରେ କାର୍ଯ୍ୟ କରିବା ବଦଳରେ ଠିକାଦାର ମନଇଚ୍ଛା କାମ କରୁଥିବାରୁ ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ତୀବ୍ର ବିରୋଧ ହୋଇଛି।

# ଭୋଜି ବନ୍ଦ, ଆୟୋଜକଙ୍କୁ ୨୦ ହଜାର ଜରିମାନା

**ଦାରିଙ୍ଗବାଡ଼ି,୨୭।୫ (ଡି.ଏନ.ଏ)**

ଦାରିଙ୍ଗବାଡ଼ି ପଞ୍ଚାୟତ ବଡ଼ିପଦର ଗାହାଡାଡି ସାହିରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଚାଲିଥିବା ଏକ ବିବାହ ଭୋଜିକୁ ପ୍ରଶାସନ ବନ୍ଦ କରିଛି। ଭୋଜି ଆୟୋଜକ କିରଣ କୁମାର ପ୍ରଧାନ ବୁଧବାର ୨୦ରୁ ୧୫ ଜଣଙ୍କୁ ବିବାହ ଉତ୍ସବକୁ ଡାକିବେ ବୋଲି ପୋଲିସଠାରୁ ଅନୁମତି ନେଇଥିଲେ। ଗୁରୁବାର ସେ ଘର ନିକଟରେ ମାତ୍ର ୨୦/୨୫ ଜଣଙ୍କ ପାଇଁ ଭୋଜିର ବ୍ୟବସ୍ଥା କରି ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ପ୍ରାୟ ୨ହଜାର ଲୋକଙ୍କ ପାଇଁ ରୋଷେଇ ବ୍ୟବସ୍ଥା କରିଥିଲେ। ଖବର ପାଇ ଦାରିଙ୍ଗବାଡ଼ି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର କଳାକୃଷ୍ଣ ପ୍ରଧାନ, ଆଇଆଇସି କୌଶିକ ମାଝି ସଦଳବଳ ସେଠାରେ ଚଢ଼ାଉ କରି ଭୋଜି ବନ୍ଦ କରିଥିଲେ। ଭୋଜି ଆୟୋଜକ କିରଣଙ୍କ ଠାରୁ ପୋଲିସ ପକ୍ଷରୁ ୧୦ ହଜାର ଏବଂ ତହସିଲ ପକ୍ଷରୁ ୧୦ ହଜାର ଏପରି ମୋଟ ୨୦ ହଜାର ଜରିମାନା ଆଦାୟ କରାଯାଇଥିବା ପୋଲିସ କହିଛି।

# ପୋଖରୀ କାମରେ ଦୁର୍ନୀତି ଅଭିଯୋଗ

**ତଦନ୍ତ କଲେ ପିଡି**

**ଚିକିଟି,୨୭।୫ (ଡି.ଏନ.ଏ.)**

ଚିକିଟି ବ୍ଲକ ଗୋବିନ୍ଦନଗର ପଞ୍ଚାୟତ କିଶୋରଚନ୍ଦ୍ରପୁର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏମଜିଏନ୍‌ଆର୍‌ଇଜିଏସ୍‌ରେ ଏକ ପୋଖରୀ କାମ ହେଉଛି। ଉକ୍ତ କାମରେ ଶ୍ରମିକ ବଦଳରେ ଜେସିବି ମେଶିନ ବ୍ୟବହାର ହେଉଥିବା ଫଟୋ ମଙ୍ଗଳବାର ଭାଇରଲ ହୋଇଥିଲା। ଏ ନେଇ ଭାଜପା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଗଞ୍ଜାମ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଗୁରୁବାର ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଏପିଡି ଜ୍ୟୋତିଶଙ୍କର ରାଓ, ମନୋଜ କୁମାର ବେହେରାଙ୍କ ସମେତ ଚିକିଟି ବିଡିଓ ଫାଲ୍ଗୁନି ମାଝି, ଏଇ ସୁଶାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଖରୀ କାମ ଚାଲିଥିବା ବେଳେ ଗ୍ରାମର କେତେଜଣ ଲୋକ ପଙ୍କକୁ ଜେସିବି ଲଗାଇ ଟ୍ରାକ୍ଟରରେ ନେଉଥିବା ତଦନ୍ତ ଅଧିକାରୀଙ୍କୁ କୁହାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ପିଡି।

